# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୪୩/୨୫**

**ଜିଲ୍ଲା-ଭଦ୍ରକ** **ତା.୩୦.୦୫.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୦୪.୦୬.୨୦୨୫ ପର୍ଯ୍ୟନ୍ତ )-** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ପ୍ରଥମ ୩ ଦିନ ଅତି ହାଲୁକା ରୁ ହାଲୁକା ବର୍ଷା ଏବଂ ଶେଷ ୨ ଦିନ ମୁଖ୍ୟତ ଶୁଖିଲା ପାଗ ହେବାର ସମ୍ଭାବନା ଅଛି ।** ପବନର ବେଗ ୧୨-୧୫ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୪-୩୭° C ଏବଂ ୨୭-୨୮° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 31-05-2025 | 5 | 34 | 28 | 4 | 78 | 44 | 13 | 235 |
| | 01-06-2025 | 2 | 35 | 28 | 3 | 73 | 45 | 12 | 252 |
| | 02-06-2025 | 2 | 36 | 28 | 3 | 71 | 28 | 14 | 237 |
| | 03-06-2025 | 0 | 37 | 27 | 2 | 51 | 18 | 17 | 263 |
| | 04-06-2025 | 0 | 37 | 27 | 2 | 48 | 21 | 15 | 250 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ➢ ପାଣିପାଗ ବିଭାଗ ଦ୍ୱାରା ଜାରି ଜିଲ୍ଲାସ୍ତରୀୟ ପାଣିପାଗ ସତର୍କତା ଅନୁଯାୟୀ , ଜିଲ୍ଲାରେ ଆଗକୁ ତାପମାତ୍ରା ବଢିବାର ସମ୍ଭାବନା ଅଛି,ଆବଶ୍ୟକ ଅନୁସାରେ ଜଳସେଚନ କରନ୍ତୁ।<br>➢ କୃଷକମାନେ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି/ଖରାଟିଆ ହଳ କରନ୍ତୁ ।<br>➢ ଗାଈଗୋରୁଙ୍କୁ ସ୍ୱଚ୍ଛ ଓ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଇ ଦିଅନ୍ତୁ। ସେମାନଙ୍କୁ ସକାଳେ କିମ୍ବା ମଧ୍ୟାହ୍ନ ସମୟରେ ଚାରଣ ପାଇଁ ନିଅନ୍ତୁ।<br>➢ ଚାଷୀମାନଙ୍କୁ ଜଳସେଚନ ସମୟରେ କିମ୍ବା କୌଣସି ପ୍ରକାର ସିଞ୍ଚନ କାର୍ଯ୍ୟ ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। | |
| ଫସଲର ନାମ | ଫସଲର ଅବସ୍ଥା | ପାଣିପାଗ ଭିତ୍ତିକ ପରାମର୍ଶ |
| ଖରିଫ ଧାନ | ଜମି ପ୍ରସ୍ତୁତି | ➢ ଆଗାମୀ ବୃଷ୍ଟିପାତ କୁ ନଜରରେ ରଖି କୃଷକମାନଙ୍କୁ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି/ଖରାଟିଆ ହଳ କରନ୍ତୁ ।ସବୁଜ ଖତ ହିସାବରେ ଧଣିଚା ବିହନ ୧୨kg/ଏକର ବୁଣନ୍ତୁ।<br>➢ ଧାନ ଚାଷ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଅଙ୍କୁରଣ ପରୀକ୍ଷା କରିବା ଉଚିତ । ଶେଷ ଜମି ପ୍ରସ୍ତୁତି ସମୟରେ 2 ଟନ୍ ବିଘଟିତ ଗୋବର ଖତ ପ୍ରୟୋଗ କରନ୍ତୁ। |
| ଖରାଟିଆ ଧାନ | ପରିପକ୍ୱ ଅବସ୍ଥା | ➢ ନୀଚ ଜମିର ଧାନ କ୍ଷେତରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।<br>➢ ଆଗାମୀ ଦିନରେ ବର୍ଷା ସହ ପବନର ହେବାର ସମ୍ଭାବନା ଥିବାରୁ ଅମଳ ପରେ ଧାନକୁ ପଲିଥିନ ଘଡେଇ ରଖନ୍ତୁ । |
| ଆମ୍ବ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| ପନିପରିବା | ନର୍ସରୀ/ଫୁଲ /ଫଳ ଅବସ୍ଥା | ➢ ବାଇଗଣ ଓ ଲଙ୍କା ଭଳି ଖରିଫ୍ ପନିପରିବା ଠିକ୍ ସମୟରେ ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର ଏବଂ ବିହନକୁ (କାର୍ବେନ୍ଡିନ+-ଥିରମ)@2 ଗ୍ରାମ୍/କିଲୋ ବିହନରେ ବିଶୋଧନ କର।<br>➢ କୀଟନାଶକ ଏବଂ ସାର ପ୍ରୟୋଗ ସିଞ୍ଚନ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।<br>➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ ସୁବିଧା କରନ୍ତୁ। |

| | | |
|---|---|---|
| | | ➢ ଟମାଟୋ ଗଛରେ ରଞ୍ଜ ଦିଅନ୍ତୁ । |
| **ଫଳ** | | ❖ ଆଗକୁ ୫ ଦିନ ତାପମାତ୍ରା ବଢିବାର ସମ୍ଭାବନା ଅଛି,ଆବଶ୍ୟକ ଅନୁସାରେ ଜଳସେଚନ କରନ୍ତୁ।<br>❖ ଅମୃତଭଣ୍ଡା ରେ ଧଳାମାଛି କୁ ନିୟନ୍ତ୍ରଣ କରିବା ପାଇଁ ହଳଦିଆ ଫାଶ ଲଗାନ୍ତୁ । |
| **ମାଛ ଚାଷ** | | ➢ ପୋଖରୀ କୁ ଭଲ ଭାବରେ ପ୍ରସ୍ତୁତ କରିବା ରି ପାଇଁ  ଚୂନ ୬୦-୮୦ କେଜି ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ ।ପୋଖରୀର ଜଳ ସ୍ତର ୫ ft ବଜାୟ ରଖନ୍ତୁ। |
| **ପଶୁପାଳନ** | | ❖ ଆସନ୍ତା ଦିନ ପାଇଁ ଶୁଖିଲା ପାଣିପାଗର ପୂର୍ବାନୁମାନ କରାଯାଉଥିବାରୁ ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପାନୀୟ ଜଳ ସହିତ ପର୍ଯ୍ୟାପ୍ତ ପରିମାଣର ସବୁଜ ଚାରା ଯୋଗାନ୍ତୁ \|<br>❖ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ  MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital